بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୦ ସେପ୍ଟେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

ପ୍ରଭୁଙ୍କୁ ସାକ୍ଷାତ କରିବାର ସ୍ତରରେ (ଉପନୀତ ହେବା ଅନ୍ତେ) କେତେକ ସମୟରେ ଏପରି ମାମଲା ମଧ୍ୟ ପ୍ରକାଶ୍ୟ ହୋଇଯାଇଥାଏ ଯାହାକି ମାନବୀୟ ସାମର୍ଥ୍ୟ ଠାରୁ ବଳି ମନେ ହୋଇଥାଏ ଏବଂ (ସେହି ମହାତ୍ମାମାନେ) ନିଜ ଭିତରେ ଐଶୀଶକ୍ତି ବହନ କରିଥାନ୍ତି । ଖନ୍ଦକ୍ ଯୁଦ୍ଧ ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର (ସଂକ୍ଷିପ୍ତ) ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବିଗତ ଖୁତ୍‌ବାରେ ମୁଁ ଅହ୍‌ଜାବ୍ ଯୁଦ୍ଧରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଜୀବନୀ ସଂକ୍ରାନ୍ତରେ ଆଲୋଚନା କରିଥିଲି ଏବଂ ସେଥିରେ ଖାଦ୍ୟ ପଦାର୍ଥରେ ବରକତ୍ (ଅଭୂତପୂର୍ଣ୍ଣ ଅଭିବୃଦ୍ଧି) ଘଟିବାର ଚର୍ଚ୍ଚା କରିଥିଲି । ଏତାଦୃଶ ଖଜୁରୀ କୋଳିରେ ବରକତ୍ ପଡ଼ିବାର ମଧ୍ୟ ଏକ ଘଟଣାର ବର୍ଣ୍ଣନା ମିଳୁଅଛି । ହଜରତ ବଶିର୍ ବିନ୍ ସାଦ୍[ର.ଅ] ବର୍ଣ୍ଣନା କରନ୍ତି; ମୋର ମାତା ମୋ ଜାମାରେ କିଛି ଖଜୁରୀ କୋଳି ଦେଇ ମୋତେ କହିଲେ; ଏହାକୁ ନେଇ ନିଜ ପିତା ଓ ମାମୁଙ୍କୁ ଦେଇଆସ ଏବଂ ତାଙ୍କୁ କହିବ ଏହା ତୁମ ସକାଳର ଖାଦ୍ୟ । ସେ କୁହନ୍ତି; ମୁଁ ତାହାକୁ ନେଇ ବାହାରିଗଲି ଏବଂ ନିଜ ପିତା ଓ ମାମୁଙ୍କ ଅନ୍ୱେଷଣରେ ହୁଜୁର [ସ.ଅ]ଙ୍କ ନିକଟରୁ ଅତିକ୍ରମ କଲି, ଆପଣ ମୋତେ ଦେଖି କହିଲେ; ହେ ବାଳକ ! ଏ ତୁମ ନିକଟରେ କ'ଣ ଅଛି ? ମୁଁ ଉତ୍ତର ଦେଲି ଖଜୁରୀ କୋଳି । ହୁଜୁର[ସ.ଅ] କହିଲେ; ତାହା ମୋତେ ଦେଇଦିଅ । ଅତଏବ ମୁଁ ତାହାକୁ ଆପଣ [ସ.ଅ]ଙ୍କ ଦୁଇ ପବିତ୍ର ହସ୍ତରେ ରଖିଦେଲି । ଆପଣ[ସ.ଅ] ତାହାକୁ ଦୁଇଟି କପଡ଼ାରେ ଢ଼ାଙ୍କି ଦେଲେ ସେଥିଅନ୍ତେ ମହାଭାଗ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଲେ ଯେ, ସମସ୍ତ ଲୋକମାନଙ୍କୁ ଖାଇବା ନିମନ୍ତେ ଡ଼ାକି ଆଣ । ସୁତରାଂ ସଭିଏଁ ସେଠାରେ ଏକତ୍ରିତ ହୋଇଗଲେ ଏବଂ ଖଜୁରୀ କୋଳି ଖାଇବା ଆରମ୍ଭ କଲେ, କିନ୍ତୁ ଉକ୍ତ ଖଜୁରୀ କୋଳି (ହ୍ରାସ ଘଟିବା ପରିବର୍ତ୍ତେ) ବୃଦ୍ଧି ପାଇବାକୁ ଲାଗିଲା । **ଏପରିକି ସମସ୍ତ ଲୋକମାନେ ଖାଇ ସାରିବା ପରେ ମଧ୍ୟ ଖଜୁରୀ କୋଳି କପଡ଼ାର ପାର୍ଶ୍ୱରୁ ଗଳି ପଡୁଥିଲା ।**

ଖାଦ୍ୟ ପଦାର୍ଥରେ ବରକତ୍ ପଡ଼ିବାର ଆଉ ଏକ ଘଟଣା ବର୍ଣ୍ଣନା କରିବା ଅନ୍ତେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ହଜରତ ମସିହ ମଉଦ [ଅ.ସ]ଙ୍କ ମାଧ୍ୟମରେ ସତ୍ୟାନୁସନ୍ଧିତ୍ସୁଙ୍କ ଉଚ୍ଚସ୍ଥାନ ଏବଂ ପ୍ରଭୁଙ୍କୁ ସାକ୍ଷାତ କରିବାର ସ୍ତର ସମ୍ବନ୍ଧରେ ବର୍ଣ୍ଣନା କରି କହିଲେ; **ସେମାନେ ପ୍ରଭୁଙ୍କର ଏପରି ସାନ୍ନିଧ୍ୟ ଲାଭ କରିଥାନ୍ତି, ଯେପରି ଅଗ୍ନି ଲୌହର ରଙ୍ଗକୁ ନିଜ ଗର୍ଭରେ ଏପରି ଲୁକ୍କାୟିତ କରିଦେଇଥାଏ ଯେ, ଅଗ୍ନି ବ୍ୟତୀତ ଅନ୍ୟ କିଛି ଦୃଶ୍ୟମାନ ହୋଇ ନଥାଏ ।** ହୁଜୁର[ଅ.ସ] କୁହନ୍ତି; ଏହି କିସମର ସାକ୍ଷାତ କରିବାର ସ୍ତରରେ (ଉପନୀତ ହେବା ଅନ୍ତେ) କେତେକ ସମୟରେ ଏପରି ମାମଲା ମଧ୍ୟ ପ୍ରକାଶ୍ୟ ହୋଇ ଯାଇଥାଏ ଯାହାକି ମାନବୀୟ ସାମର୍ଥ୍ୟ ଠାରୁ ବଳି ପ୍ରତୀତ ହୋଇଥାଏ ଏବଂ (ସେହି ମହାତ୍ମାମାନେ) ନିଜ ଭିତରେ ଐଶୀଶକ୍ତି ବହନ କରିଥାନ୍ତି । ଯେପରି ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ବଦର ଯୁଦ୍ଧ ସମୟରେ ମୁଠାଏ ବାଲିମାଟି ଉଠାଇ ଅମାନ୍ୟକାରୀଙ୍କ ଆଡ଼କୁ ନିକ୍ଷେପ କରିଥିଲେ ଏବଂ ତାହା କୌଣସି ଦୁଆ

କରି ଫିଙ୍କି ନଥିଲେ ବରଂ ନିଜ ଆଧାତ୍ମିକ ଶକ୍ତି ବଳରେ ଚାଳନା କରିଥିଲେ । ଯାହାକି ଐଶୀ ପ୍ରଭାବ ପ୍ରଦର୍ଶିତ କରିଥିଲା ଏବଂ ପ୍ରତିପକ୍ଷ ଦଳ ଉପରେ ଏପରି ଅଭୂତପୂର୍ବ ପ୍ରଭାବ ପଡ଼ିଲା ଯେ, ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ନଥିଲେ ଯାହା ଚକ୍ଷୁରେ ତାହାର ପ୍ରଭାବ ପଡ଼ି ନଥିଲା । ଏପରି ଆହୁରି ଅନେକ ଚମତ୍କାର ରହିଛି, ଯାହାକି ନବୀଶିରୋମଣୀ କେବଳ ନିଜସ୍ୱ ଦକ୍ଷତା ଓ ପାରଦର୍ଶିତା ବଳରେ ପ୍ରଦର୍ଶନ କରିଥିଲେ, ଯାହା ସହିତ କୌଣସି ଦୁଆର ପ୍ରଭାବ ନଥିଲା ।

ଖନ୍ଦକ୍ (ଗର୍ତ୍ତ) ଖନନ କରିବା ସମୟରେ ଅନେକ କପଟବିଶ୍ୱାସୀମାନେ ହୁଜୁର[ସ.ଅ] ଓ ମୁସଲମାନମାନଙ୍କ ସହିତ ଖନନ କାର୍ଯ୍ୟରେ ଅଳସୁଆମି ପ୍ରଦର୍ଶନ କରିଥିଲେ ଏବଂ ସେମାନେ ସ୍ୱଳ୍ପ କାର୍ଯ୍ୟ କରିବା ପରେ ହୁଜୁର [ସ.ଅ]ଙ୍କୁ ନକହି, ନଜଣାଇ ଏବଂ ଆପଣ [ସ.ଅ]ଙ୍କ ଠାରୁ ଅନୁମତି ନନେଇ (ମନଇଚ୍ଛା) ନିଜ ନିଜ ଘରକୁ ଖସି ପଳାଉ ଥିଲେ । ଯେତେବେଳେ କି ବିଶ୍ୱାସକାରୀମାନଙ୍କୁ କୌଣସି (ଜରୁରୀ କାମ ପଡ଼ିଲେ) ସେମାନେ ହୁଜୁର [ସ.ଅ]ଙ୍କ ଠାରୁ ଅନୁମତି ମାଗୁଥିଲେ ଏବଂ ହୁଜୁର ତାଙ୍କୁ ଅନୁମତି ପ୍ରଦାନ କରି ଦେଉଥିଲେ ।

ବର୍ଣ୍ଣନାନୁଯାୟୀ ଅବୁ ସୁଫୟାନ୍‌ର ସେନା ବାହିନୀ ଆଗମନର ତିନିଦିନ ପୂର୍ବରୁ ଖନ୍ଦକ୍ ପ୍ରସ୍ତୁତ ହୋଇଯାଇଥିଲା । ଏବେ ଯୋଜନା ଅନୁଯାୟୀ ପିଲା ଓ ଯୁବକମାନଙ୍କୁ ଦୁର୍ଗ ଆଡ଼କୁ ପ୍ରେରଣ କରି ଦିଆଗଲା । ଯେଉଁସ୍ଥଳେ ପୂର୍ବରୁ ମହିଳାମାନଙ୍କୁ ସ୍ଥାନାନ୍ତରିତ କରିଦିଆ ଯାଇଥିଲା । ହଁ ଯେଉଁମାନଙ୍କ ବୟସ ୧୫ବର୍ଷରୁ ଉର୍ଦ୍ଧ୍ୱ ଥିଲା, ସେମାନଙ୍କୁ ଅନୁମତି ଦିଆଗଲା ଯେ, ଯଦି ଇଚ୍ଛା କରନ୍ତି ଖନ୍ଦକ୍ ସ୍ଥଳେ ରହିଯାନ୍ତୁ, ନଚେତ୍ ଦୁର୍ଗକୁ ଚାଲିଯାନ୍ତୁ । ହୁଜୁର[ସ.ଅ] ମଦିନାରେ ହଜରତ ଇବ୍‌ନେ ଉମ୍ମେ ମକ୍‌ତୁମ [ର.ଅ]ଙ୍କୁ ନିଜର ପ୍ରତିନିଧି ମୁତୟନ କରିଥିଲେ । ଖନ୍ଦକ୍ ନିକଟରେ ହୁଜୁର [ସ.ଅ]ଙ୍କ ସକାଶେ ଏକ ଚମଡ଼ାର ତମ୍ବୁଘର ପ୍ରସ୍ତୁତ କରାଯାଇ ଥିଲା । ପ୍ରବାସକାରୀଙ୍କ ଧ୍ୱଜା ହଜରତ ଜୈଦ ବିନ୍ ହାର୍‌ସା [ର.ଅ]ଙ୍କ ଅଧୀନରେ ଏବଂ ଅନ୍‌ସାରମାନଙ୍କ ଧ୍ୱଜା ହଜରତ ସାଦ୍ ବିନ୍ ଅବାଦାଃ [ର.ଅ]ଙ୍କ ଅଧୀନରେ ରହିଥିଲା ।

ମୁସଲମାନମାନଙ୍କ ସଂଖ୍ୟା ସଂକ୍ରାନ୍ତରେ ଇତିହାସବିତ୍‌ଙ୍କ ମଧ୍ୟରେ ଅନେକ ମତଭେଦ ରହିଛି ଏବଂ ଏହି ସଂଖ୍ୟା ୭୦୦ରୁ ୩୦୦୦ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଛି । ହଜରତ ମୁସଲେହ ମଉଦ[ର.ଅ] ନିଜର ବିଚକ୍ଷଣ ବୁଦ୍ଧିଜ୍ଞାନ ମାଧ୍ୟମରେ ଏହି ସମସ୍ତ ଭିନ୍ନ ବର୍ଣ୍ଣନା ମଧ୍ୟରେ ଏକ ସାମଞ୍ଜସ୍ୟ ଆଣି ଦର୍ଶାଇଛନ୍ତି ଯେ, ଅହ୍‌ଜାବ୍ ଯୁଦ୍ଧ ତିନି ଭାଗରେ ବିଭକ୍ତ ଥିଲା । ତାହାର ଗୋଟିଏ ଭାଗ ଯେତେବେଳେ ଶତ୍ରୁ ମଦିନାର ନିକଟବର୍ତ୍ତୀ ହୋଇ ନଥିଲା ଏବଂ ଖନ୍ଦକ୍‌ର ଖନନ କାର୍ଯ୍ୟ ଚାଲିଥିଲା । ଏଥିରେ ମାଟି ଉଠାଇବା କାର୍ଯ୍ୟରେ ପିଲାମାନେ ମଧ୍ୟ ମୁତୟନ ଥିଲେ ଏବଂ କେତେକ ମହିଳାମାନେ ମଧ୍ୟ ସାମିଲ ଥିଲେ । ସୁତରାଂ ଯେପର୍ଯ୍ୟନ୍ତ ଖନ୍ଦକ୍‌ର ଖନନ କାର୍ଯ୍ୟ ଅବ୍ୟାହତ ରହିଥିଲା ସେପର୍ଯ୍ୟନ୍ତ ମୁସଲମାନମାନଙ୍କ ସଂଖ୍ୟା ତିନି ହଜାର ରହିଥିଲା । ପୁନଶ୍ଚ ଯେତେବେଳେ ଶତ୍ରୁ ମଦିନାର ନିକଟତର ହେଲା ଏବଂ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ହୁଜୁର[ସ.ଅ] ସମସ୍ତ ଯୁବକ, ଯେ ୧୫ବର୍ଷରୁ କମ୍ ବୟସ୍କ ଥିଲେ ସେମାନଙ୍କୁ (ଦୁର୍ଗକୁ) ଚାଲିଯିବାକୁ ଆଦେଶ ଦେଲେ । ଆଉ ଯେଉଁମାନେ ୧୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଥିଲେ, ସେମାନଙ୍କୁ ଅନୁମତି ଦେଲେ କି ଇଚ୍ଛା ପାଇଲେ (ଏଠାରେ) ରୁହ ନତୁବା ଦୁର୍ଗକୁ ଚାଲି ଯାଇପାର । ଏହି ବର୍ଣ୍ଣନାରୁ ଜ୍ଞାତ ହେଉଛି ଯେ, ଖନ୍ଦକ୍‌ର ଖନନ ସମୟରେ ମୁସଲମାନମାନଙ୍କ ସଂଖ୍ୟା ଅଧିକ ରହିଥିଲା ଏବଂ ଯୁଦ୍ଧ ଆରମ୍ଭ ହେବା ସମୟରେ ତାହା ଘଟି ଯାଇଥିଲା । ଅର୍ଥାତ ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ମୁସଲମାନମାନଙ୍କ ସଂଖ୍ୟା ମାତ୍ର ୧୨୦୦ ରହିଯାଇ ଥିଲା । ତତ୍ ପଶ୍ଚାତ ଯେତେବେଳେ (ମଦିନାର) ବନୁ କୁରୈଜାଃ ଦଳ ଅମାନ୍ୟକାରୀଙ୍କ ସହିତ ମିଳିତ ହୋଇଗଲା ଏବଂ ସେମାନେ ସ୍ଥିର କରିନେଇ ଥିଲେ ଯେ, ମଦିନା ଉପରେ ଅତର୍କିତ ଭାବରେ ଆକ୍ରମଣ କରିଦେବେ । ଏହି ଦିଗ ଅର୍ଥାତ ବନୁ କୁରୈଜାଃର ବିଶ୍ୱାସଘାତ କରିବା ଓ ସେହି ପାର୍ଶ୍ୱରୁ ଶତ୍ରୁ ଆକ୍ରମଣ କରିବାର (ସମ୍ଭାବନା) ରହିଥିବା ପ୍ରତି ମଧ୍ୟ ହୁଜୁର[ସ.ଅ] ସଜାଗ ସତର୍କ ଥିଲେ । ଇତିହାସ ପୃଷ୍ଠାରୁ ଜଣା ଯାଉଛି ଯେ, ଏହି ଆଶଙ୍କାକୁ ଧ୍ୟାନରେ ରଖି ହୁଜୁର[ସ.ଅ] ଦୁଇଟି ସୈନ୍ୟଦଳ ମୁସଲମାନ

ମହିଳାମାନଙ୍କ ସୁରକ୍ଷା ନିମନ୍ତେ ପ୍ରେରଣ କରିଥିଲେ । ସେଥି ମଧ୍ୟରୁ ଗୋଟିଏ ସୈନ୍ୟଦଳରେ ୨୦୦ ଏବଂ ଅନ୍ୟଟିରେ ୩୦୦ସିପାହୀ ସାମିଲ ଥିଲେ । ଏହିପରି ଉକ୍ତ ୧୨୦୦ସୈନିକମାନଙ୍କ ମଧ୍ୟରୁ ଯେତେବେଳେ ଏହି ୫୦୦ଜଣ ସୈନିକ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଚାଲିଗଲେ ସେତେବେଳେ (ଖନ୍ଦକ୍ ନିକଟରେ) ଆଉ ମାତ୍ର ୭୦୦ଜଣ ସୈନିକ ବାକି ରହି ଯାଇଥିଲେ ।

ଅବୁ ସୁଫୟାନ୍ ଅଧକ୍ଷତାରେ (ଆରବର ବିଭିନ୍ନ) କବିଲାମାନଙ୍କର ସେନା ମଦିନାରେ ପହଞ୍ଚି ଖନ୍ଦକ୍ ନିକଟରେ ନିଜ ନିଜର ଶିବିର ପ୍ରସ୍ତୁତ କରିଦେଲେ । ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ କୁହନ୍ତି; ଯେତେବେଳେ କୁରୈଶର ସୈନ୍ୟସାମନ୍ତ ମଦିନା ନିକଟରେ ପହଞ୍ଚିଲେ ସେତେବେଳେ ସେମାନେ ନିଜ ସମ୍ମୁଖରେ ଏତେ ବଡ଼ ଖନ୍ଦକ୍ ଦେଖି ଆଚମ୍ଭିତ ହୋଇଗଲେ । ତଥାପି ସେମାନେ ଖନ୍ଦକ୍‌କୁ ଘେରାଉ କରିବା ପରି ଶିବିର ଲଗାଇଲେ ଏବଂ ଖନ୍ଦକ୍‌ର ଦୁର୍ବଳ ଅଂଶ ମଧ୍ୟ ଦେଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାର ବାଟ ଖୋଜିଲେ । ଯେତେବେଳେ ଖନ୍ଦକ୍ ପାର କରିବାରେ ସେମାନଙ୍କର ସମସ୍ତ ପ୍ରୟାସ ନିଷ୍ଫଳ ହେଲା ସେତେବେଳେ ବିଭିନ୍ନ କୁଟନୀତି ରଚିବା ଆରମ୍ଭ କଲେ । ପରିଶେଷରେ ଅମାନ୍ୟକାରୀମାନେ ଆପୋଷ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି କଲେ ଯେ, ମଦିନାରେ ଥିବା ବନୁ କୁରୈଜାଃ କବିଲାକୁ ନିଜ ସହିତ ସାମିଲ କରିଦେବେ । ଯଦ୍ୱାରା ସେମାନେ ମୁସଲମାନମାନଙ୍କ ସହିତ କରିଥିବା ସନ୍ଧି ଭଙ୍ଗ କରି ମଦିନାର ଅଭ୍ୟନ୍ତରରୁ ତାଙ୍କ ଉପରେ ଆକ୍ରମଣ କରିଦେବେ । ଅତଃ ଏହି ଭୟଙ୍କର ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବା ନିମନ୍ତେ ହୁଇ ବିନ୍ ଅଖତବ୍ ବନୁ କୁରୈଜାଃର ସରଦାର କାବ୍ ବିନ୍ ଅସଦ୍ ନିକଟକୁ ଗଲା । ପ୍ରାରମ୍ଭରେ ତ କାବ୍ ନିଜ କବିଲାର ମୂଖ୍ୟଦ୍ୱାର ହୁଇ ବିନ୍ ଅଖତବ୍ ପାଇଁ ଖୋଲିବାକୁ ମନା କରିଦେଲା ଏବଂ ସଫାସଫା କହିଦେଲା କି ମୁଁ ହଜରତ ମୁହମ୍ମଦ [ସ.ଅ]ଙ୍କ ସହିତ ସନ୍ଧି କରିଛି ଏବଂ ମୁଁ ସର୍ବଦା ତାଙ୍କୁ ନିଜ ପ୍ରତିଜ୍ଞା ରକ୍ଷାକାରୀ ପାଇଛି । କିନ୍ତୁ ହୁଇ'ର ଜିଦ୍‌ଖୋର ନୀତି ଯୋଗୁଁ ଶେଷରେ କାବ୍ କେବଳ ତାହା ପାଇଁ ନିଜ କବିଲାର ମୂଖ୍ୟଦ୍ୱାର ଖୋଲି ଦେଇ ନଥିଲା ବରଂ ତାହାର ମତାଇବାରେ ସେ ମୁସଲମାନମାନଙ୍କ ବିରୁଦ୍ଧରେ ସେହି ଭୟଙ୍କର ଷଡ଼ଯନ୍ତ୍ରରେ ସାମିଲ ହୋଇଯାଇଥିଲା । ଏପରି ସେ ମୁସଲମାନମାନଙ୍କ ସହିତ କରିଥିବା ସନ୍ଧିକୁ ଭଙ୍ଗ କରି ଦେଇଥିଲା । ଏହି ଅବସରରେ ବନୁ କୁରୈଜାଃ ଦଳର କିଛି ୟହୁଦି ଯେ ପୁଣ୍ୟବନ୍ତ ଥିଲେ, ସେମାନେ ହୁଜୁର [ସ.ଅ]ଙ୍କ ନିକଟକୁ ଚାଲି ଆସିଲେ ଏବଂ ଇସଲାମ ଧର୍ମ ମଧ୍ୟ ଗ୍ରହଣ କରିନେଲେ । ଯେତେବେଳେ ହଜରତ ଉମର [ର.ଅ]ଙ୍କ ମାଧ୍ୟମରେ ହୁଜୁର [ସ.ଅ]ଙ୍କୁ ବନୁ କୁରୈଜାଃ ଦଳର ସନ୍ଧିଭଙ୍ଗ କରିବାର ସୂଚନା ମିଳିଲା ସେତେବେଳେ ଆପଣ ହଜରତ ସାଦ୍ ବିନ୍ ମାଜ୍ ଓ ହଜରତ ସାଦ୍ ବିନ୍ ଅବାଦାଃ [ର.ଅ]ଙ୍କୁ ଅନ୍ୟ କେତେକ ସାହାବାଙ୍କ ସହିତ ଉକ୍ତ ଦଳ ନିକଟକୁ ପ୍ରେରଣ କଲେ ଏବଂ ନିର୍ଦ୍ଦେଶ ଦେଲେ କି ଯଦି ଏହି ଖବର ସତ୍ୟ ହୋଇଥିବ ତେବେ ସର୍ବସମ୍ମୁଖରେ ଉଚ୍ଚ ସ୍ୱରରେ କିଛି କହିବ ନାହିଁ, ବରଂ ଇଶାରା କରି (ଆମକୁ) ସୂଚିତ କରିଦେବ । ଯେତେବେଳେ ସେମାନେ ବନୁ କୁରୈଜାଃ କବିଲା ନିକଟରେ ପହଞ୍ଚିଲେ ସେତେବେଳେ କାବ୍ ବିନ୍ ଅସଦ୍ ସେମାନଙ୍କ ସହିତ ଅତି ଦୁର୍ବ୍ୟବହାର କଲା ଏବଂ ମୁସଲମାନମାନଙ୍କ ସହିତ କରିଥିବା ସନ୍ଧିର ପ୍ରତ୍ୟାଖ୍ୟାନ କରିଦେଲା । ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ କୁହନ୍ତି; ସେହି ହତଭାଗା (କାବ୍ ବିନ୍ ଅସଦ୍) ଅତ୍ୟନ୍ତ ଅହଂକାର ପୂର୍ଣ୍ଣ ଭଙ୍ଗିରେ ସାହାବାଙ୍କ ସହିତ ସାକ୍ଷାତ କଲା ଏବଂ ଉକ୍ତ ସାହାବାମାନେ ଯେତେବେଳେ ତାଙ୍କୁ ମୁସଲମାନମାନଙ୍କ ସହିତ କରିଥିବା ସନ୍ଧି ସ୍ମରଣ କରାଇଲେ ସେତେବେଳେ ତାହାର ଲୋକମାନେ କହିଲେ; ଯାଅ! ଆମ ଓ ତୁମ୍ଭ ମଧ୍ୟରେ କୌଣସି ସନ୍ଧି ହୋଇ ନାହିଁ । କାବ୍ ବିନ୍ ଅସଦ୍‌ର ଏହି ଉତ୍ତର ଶୁଣିବା ପରେ ସାହାବାମାନଙ୍କର ସେହି ଦଳଟି ସେଠାରୁ ଫେରି ଆସି ଇଶାରା କରି ହଜରତ ମୁହମ୍ମଦ [ସ.ଅ]ଙ୍କୁ ବନୁ କୁରୈଜାଃର ସନ୍ଧିଭଙ୍ଗ କରିବା ସମ୍ପର୍କରେ ସୂଚିତ କଲେ । ଏପରି ଉତ୍କଟ ପରିସ୍ଥିତିରେ ହୁଜୁର[ସ.ଅ] କ୍ଷଣକ ପାଇଁ ନିରବ ହୋଇଗଲେ ଏବଂ ଉକ୍ତ ଖବର ଆପଣଙ୍କ ଉପରେ କୌଣସି ପ୍ରଭାବ (ଆନ୍ଦୋଳିତ କରି) ପକାଇ ନଥିଲା । କିନ୍ତୁ ଯଦି ଅନ୍ୟ କେହି ବ୍ୟକ୍ତି ହୋଇଥାନ୍ତା ତେବେ ସେ ନିଜ

ଉପରେ ପର୍ବତ ଖସି ପଡ଼ିଲା ପରି ବିପତ୍ତି (ଭୁଷୁଡ଼ି ପଡ଼ିବା) ମନେ କରିଥାନ୍ତା । କିଛିକ୍ଷଣ ନିରବ ରହିବା ପରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ହେ ବିଶ୍ୱାସକାରୀମାନଙ୍କ ଦଳ! ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ଅନୁକମ୍ପା ଯୋଗେ ପ୍ରସନ୍ନିତ ହୋଇଯାଅ । ମୋର ଦୃଢ଼ ବିଶ୍ୱାସ ଯେ, **ସମୟ ଆସିବ ଯେତେବେଳେ ମୁଁ ବୈତୁଲ୍ଲାଃର ପରିକ୍ରମଣ କରିବି ଏବଂ ତାହାର ଚାବିକାଠି ମୋ ହସ୍ତରେ ଥିବ ତଥା ରୋମ ଓ ପାରସ୍ୟ ଧ୍ୱଂସ ପାଇଯିବେ ।**

ଖନ୍ଦକ୍ ଯୁଦ୍ଧର ପରବର୍ତ୍ତୀ ଘଟଣାବଳୀ ଆସନ୍ତାରେ ବର୍ଣ୍ଣନା କରିବି । ସେଥିଅନ୍ତେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ଠାରୁ ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା, ଇଂଲଣ୍ଡର ଇଜ୍‌ତେମା (ପ୍ରତିଯୋଗୀତା) ଆରମ୍ଭ ହେଉଅଛି । ଖୁଦ୍ଦାମ୍ ସେଥିରୁ ପୂର୍ଣ୍ଣ ରୂପେ ଉପକୃତ ହେବାକୁ ଚେଷ୍ଟା କରନ୍ତୁ । ଯଦିଚ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ସମ୍ଭବତଃ ବର୍ଷା ହେବ । ତେବେ ସେ ଯାହା ହେଉ ଅଲ୍ଲାଃତାଲା କୃପାବତୀର୍ଣ୍ଣ କରନ୍ତୁ ଏବଂ ସମସ୍ତ କାର୍ଯ୍ୟକ୍ରମ ସହଜରେ ସମ୍ପନ୍ନ ହେଉ । ଖୁଦ୍ଦାମ୍‌ମାନେ ଏହି ଦିନମାନଙ୍କରେ ନିଜ ଆଧ୍ୟାତ୍ମିକ ଓ ଧାର୍ମିକ ଜ୍ଞାନ ଅଭିବୃଦ୍ଧି କରିବାକୁ ଚେଷ୍ଟା କରିବେ । ଯେଉଁ ଦୁଆ ଓ ଦରୁଦ୍ ଆବୃତ୍ତି କରିବାକୁ ମୁଁ ଧ୍ୟାନ ଆକର୍ଷିତ କରିଥିଲି ଏବଂ (ଜମାତ୍)କୁ ଆହ୍ୱାନ ଦେଇଥିଲି ସେଗୁଡ଼ିକୁ ଏହି ଦିନମାନଙ୍କରେ ବିଶେଷ ଭାବରେ ସ୍ମରଣ ରଖିବେ ତଥା ସର୍ବଦା ତାହାର ପୁନରାବୃତ୍ତି କରିବେ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଚାରିଜଣ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । **ପ୍ରଥମ** ଶ୍ରୀମାନ ହବିବୁର ରହେମାନ୍ ସାହେବ (ଉତ୍ସର୍ଗୀ) ରବଓ୍ୱା ନିବାସୀଙ୍କର । ମୃତକ ଜଣକ ନିଜ ଅନ୍ତିମ ସମୟରେ ମଧ୍ୟ ଅତିରିକ୍ତ ନାଜିର୍ (ଅଧ୍ୟକ୍ଷ) ଦିଓ୍ୱାନ୍ ଦାୟିତ୍ୱରେ ମୁତୟନ ଥିଲେ । **ଦ୍ୱିତୀୟ ଜନାଯାଃ** ଶ୍ରୀମାନ ଡ଼ାଃ ଶେଖ୍ ରିୟାଜୁଲ୍ ହସନ୍ ସାହେବ ଯେ କି ଶ୍ରୀମାନ ବ୍ରିଗେଡ଼ିୟର୍ ଡ଼ାଃ ଜିୟାଉଲ୍ ହସନ୍ ସାହେବଙ୍କର ସୁପୁତ୍ର ଥିଲେ । ମୃତକ ଜଣକ ନିଜ ଜୀବନ ଉତ୍ସର୍ଗ କରିବା ପରେ ପାଖାପାଖି ୨୦ବର୍ଷରୁ ଉର୍ଦ୍ଧ୍ୱ ଅବଧି ଆଫ୍ରିକା ଓ ପାକିସ୍ତାନରେ ରହି ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । **ତୃତୀୟ ଜନାଯାଃ** ଶ୍ରୀମାନ ଅବ୍ଦୁଲ୍ ଜଲିଲ୍ ସାଦିକ୍ ସାହେବ ଅଧ୍ୟାପକ ରବଓ୍ୱା ନିବାସୀଙ୍କର ରହିଛି । ମୃତକ ଜଣକ ନିଜ ଅନ୍ତିମ ସମୟରେ ମଧ୍ୟ ସଦର ଅଞ୍ଜୁମନ୍ ଅହେମଦିୟା ରବଓ୍ୱାର ତରତିବ୍ ରେକର୍ଡ଼ ବିଭାଗରେ (ଅତିରିକ୍ତ ନାଜିର୍) ଭାବରେ ସେବା ସମ୍ପାଦନ କରୁଥିଲେ । **ଚତୁର୍ଥ ଜନାଯାଃ** ମାଷ୍ଟର ମୁନିର୍ ଅହେମଦ୍ ସାହେବ ଝଙ୍ଗ ନିବାସୀଙ୍କର ଅଟେ । ମୃତକଙ୍କୁ ଦୀର୍ଘ ଅବଧି ପର୍ଯ୍ୟନ୍ତ ଜମାତର ବିଭିନ୍ନ ପଦପଦବୀରେ ରହି ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ ହୋଇଛି । ମୃତକ ଜଣକ ଅଲ୍ଲାଃଙ୍କ ମାର୍ଗରେ କାରାବରଣ ଭୋଗ କରୁଥିବା ଲୋକମାନଙ୍କର ମଧ୍ୟ ଢେର ସେବା ସତ୍କାର କରିଛନ୍ତି । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ସମସ୍ତ ମୃତକମାନଙ୍କ କ୍ଷମା ଯାଚନା କରିବା ସହିତ ବୈକୁଣ୍ଠ ପୁରରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

20th September 2024

*Translated to Odia by :* Moulavi Anwar Ahmad Khan